**Series RHB**

**Code No. 14**

Candidates must write the Code on the title page of the answer-book.

Roll No. | | | | | | | |

- Please check that this question paper contains **10** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **10** questions.
- **Please write down the Serial Number of the question before attempting it.**
- 15 minutes time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer script during this period.

## SUMMATIVE ASSESSMENT – II

# ODIA

# ଓଡ଼ିଆ

*Time allowed : 3 hours* — *Maximum Marks : 80*

*ସମୟ : 3 ଘଣ୍ଟା* — *ପୂର୍ଣ୍ଣ ସଂଖ୍ୟା : 80*

ସୂଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ – Reading – 10

(ଖ) ଲିଖନ – Writing – 15

(ଗ) ବ୍ୟାକରଣ – Grammar – 15

(ଘ) ସାହିତ୍ୟ – Literature – 40

## କ – ବିଭାଗ
## SECTION – A

1. ନିମ୍ନ ଲିଖିତ ଅନୁଚ୍ଛେଦଟି ପଢି ପ୍ରଦତ୍ତ ପ୍ରଶ୍ନଗୁଡିକର ଉତ୍ତର ସଂକ୍ଷେପରେ ଲେଖ । 2×5=

ନିଜ ଦେଶ ପାଇଁ ନିରକ୍ଷର ଲୋକମାନେ ହେଉଛନ୍ତି ଗୋଟିଏ ସାମାଜିକ ବିପଦ । ସେମାନେ ଭଲ ମନ୍ଦ ନ ବିଚାରି ଯେ କୌଣସି ପ୍ରଚାର ଦ୍ୱାରା ପରିଚାଳିତ ହୁଅନ୍ତି । ପେଟକୁ ଖାଇବାକୁ ଗଣ୍ଡେ ଦାନା, ପିନ୍ଧିବାକୁ ଖଣ୍ଡେ କନା ଓ ରହିବାକୁ ବାସଟି ଏ ନଥିଲେ ସେମାନଙ୍କର ଜୀବନର ଆଦର୍ଶ ରହେ ନାହିଁ । ତେଣୁ ଅନ୍ୟର କୁତ୍ସାରଟନା କରିବା ଏବଂ ଅନ୍ୟ ବିରୁଦ୍ଧରେ ଅଯଥା ବିଦ୍ରୋହ କରିବାକୁ ସେମାନେ କୁଣ୍ଠାବୋଧ କରନ୍ତି ନାହିଁ । ଯେଉଁ ମାନଙ୍କର ନିର୍ଦ୍ଦିଷ୍ଟ ନୀତି ନଥାଏ, ସେମାନେ ସହଜରେ ବିଭିନ୍ନ ଲୋକଙ୍କ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ଶେଷରେ ନିଜର ଦୁର୍ଗତି ପାଇଁ ଆତ୍ମସମୀକ୍ଷା ନକରି ସମାଜ ଓ ରାଷ୍ଟ୍ର ଉପରେ ଦୋଷ ଲଦି ଦିଅନ୍ତି । କେବଳ ଅନ୍ୟ ଉପରେ ଦୋଷ ଲଦିଦେଲେ ସମସ୍ୟାର ସମାଧାନ ହୋଇଯାଏ ନାହିଁ, ସମାଧାନର ବାସ୍ତବ ପଥ ଖୋଜି ବାହାର କରିବା ଆବଶ୍ୟକ । ନିଜକୁ ସଂକୀର୍ଣ୍ଣତାର ବଳୟ ମଧ୍ୟରୁ ମୁକ୍ତ ନକଲେ ଗୁଣାତ୍ମକ ଚିନ୍ତା ଆସେ ନାହିଁ । ଗୁଣାତ୍ମକ ଚିନ୍ତା ବିନା ପ୍ରଗତି ଅସମ୍ଭବ । ପ୍ରଗତି କହିଲେ କେବଳ ବଞ୍ଚି ରହିବାପାଇଁ ଅତ୍ୟାବଶ୍ୟକୀୟ ସମ୍ବଳ ପ୍ରାପ୍ତିକୁ ବୁଝାଏ ନାହିଁ, ବରଂ ସୁସ୍ଥ ମାନସିକତା ନେଇ ଜଣେ ସୁନାଗରିକ ହୋଇ ବଞ୍ଚି ରହି ରହିବାହିଁ ପ୍ରକୃତ ପ୍ରଗତିର ଲକ୍ଷଣ । ଏତାଦୃଶ ଗୁଣାତ୍ମକ ଚିନ୍ତା ଚେତନା ପାଇଁ ସାଧାରଣ ଲୋକମାନଙ୍କୁ ଶିକ୍ଷିତ କରାଇ ପାରିଲେ ନିଶ୍ଚୟ ସୁଫଳ ମିଳି ପାରିବ ।



www.careerin

ପ୍ରଶ୍ନ -

(କ) ନିରକ୍ଷର ଲୋକମାନେ ସାମାଜିକ ବିପଦର କାରଣ କାହିଁକି ?

(ଖ) ମଣିଷ କେତେବେଳେ ଜୀବନର ଆଦର୍ଶ ହରାଇ ବସେ ?

(ଗ) ଆଦର୍ଶ ହରାଇ ବସିଥିବା ବ୍ୟକ୍ତିଠାରେ କି ପ୍ରକାର ବିଲକ୍ଷଣ ଦେଖାଯାଏ ?

(ଘ) ପ୍ରକୃତ ପ୍ରଗତି କାହାକୁ କୁହାଯାଏ ?

(ଙ) ଗୁଣାତ୍ମକ ଚିନ୍ତା ଚେତନା କିପରି ଲାଭ କରାଯାଇପାରିବ ?

## ଖ – ବିଭାଗ

## SECTION – B 15

**2.** ଯେ କୌଣସି ***ଗୋଟିଏ*** ବିଷୟରେ ରଚନା ଲେଖ । 10

(କ) ଭାରତୀୟ ଗଣତନ୍ତ୍ର ।

(ଖ) ବନ୍ୟଜନ୍ତୁ ସଂରକ୍ଷଣ ।

(ଗ) ସ୍ୱାସ୍ଥ୍ୟ ହିଁ ସମ୍ପଦ ।

**3.** ଯେ କୌଣସି ***ଗୋଟିଏ*** ପ୍ରଶ୍ନର ଉତ୍ତର ଲେଖ । 5

(କ) ତୁମେ ତୁମର କୌଣସି ପାଠ୍ୟ ବିଷୟରେ ଏକ ପ୍ରକଳପ (Project) କରିବାକୁ ଯାଉଛ, ଏଥିପାଇଁ ଆବଶ୍ୟକ ହେଉଥିବା ଜିନିଷ ଗୁଡ଼ିକ ପାଇବାପାଇଁ ସଂପୃକ୍ତ ବିକ୍ରେତାଙ୍କ ପାଖକୁ ଏକ ପତ୍ର ଲେଖ ।

(ଖ) ତୁମ ଅଞ୍ଚଳରେ କୌଣସି ଏକ ମାରାତ୍ମକ ରୋଗ ମହାମାରୀର ରୂପ ନେବାକୁ ଯାଉଛି, ପ୍ରତିକାର ପାଇଁ ସଂପୃକ୍ତ ସ୍ୱାସ୍ଥ୍ୟାଧିକାରୀଙ୍କ ପାଖକୁ ଏକ ଦରଖାସ୍ତ ଲେଖ ।

## ଖ – ବିଭାଗ

## SECTION – C

15

(କ) ବ୍ୟାସ ବାକ୍ୟ ସହ ସମାସର ନାମ ଲେଖ । (ଯେ କୌଣସି ୪ ଟିର) 4

ମୁଖ ଚନ୍ଦ୍ର, ଘୋଡାଗାଡି, ପ୍ରତିଘର, ଆଜନ୍ମ, ନୀଳକଣ୍ଠ, ମୃଗନୟନୀ ।

(ଖ) ବିଶେଷ୍ୟକୁ ବିଶେଷଣ ଓ ବିଶେଷଣକୁ ବିଶେଷ୍ୟ ପଦରେ ପରିଣତ କର । (ଯେ କୌଣସି ୪ ଟି । ଠିକ୍ ଉତ୍ତର ଗୁଡିକୁ ବନ୍ଧନୀ ମଧ୍ୟସ୍ଥ ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ ।) 4

କୂଳ – (କୁଳୀନ, କୌଳିକ, ଉପକୂଳ, ପ୍ରତିକୂଳ) ।

ନୈଶ୍ୟ – (ନିସ୍ୱ, ନୈଶଦ, ନିଶ୍ୱର, ନିଶା) ।

ଭୟାଳୁ – (ଭୟାତୁର, ଭୟାନକ, ଭୟଙ୍କର, ଭୟ) ।

ନୈଷ୍ଠିକ – (ନିଷ୍ଠାବାନ, ନିଷ୍ଠାପର, ନିଷ୍ଠା, ଅନୈଷ୍ଠିକ) ।

ଧାତୁ – (ଅଧାତୁ, ଧାତବ, ବିଧାତୁ, କୁଧାତୁ) ।

ପଥ – (ବିପଥ, ଅପଥ, ପାଥେୟ, ସପଥ) ।

(ଗ) ଗଠନ ରୀତି ଦର୍ଶାଅ । (ଯେ କୌଣସି ୪ଟି । ଠିକ୍ ଉତ୍ତର ଗୁଡିକୁ ବନ୍ଧନୀ ମଧ୍ୟସ୍ଥ ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ ।) 4

ପାନୀୟ (ପାନ+ଈୟ, ପାନି+ଇୟ, ପା+ଅନୀୟ, ପା+ନୀୟ)

ମାଜଣା (ମାଜ+ଣା, ମାଜ୍+ଅଣା, ମା+ଜଣା, ମାଜ+ଅଣା)

ଆଲଙ୍କାରିକ (ଅଲଙ୍କାର+ଅକ, ଆଲଙ୍କାରି+କ, ଅଲଙ୍କାର+ଇକ, ଅଲଙ୍କାର+ରିକ)

ଶାରଦୀୟ (ଶାରଦ+ଈୟ, ଶରଦ୍+ଈୟ, ଶାରଦି+ଈୟ)

ମଧୁର (ମଧୁ+ଅର୍, ମଧୁର୍+ଅ, ମଧୁ+ର, ମଧ୍+ଉର)

ହସ୍ତୀ (ହସ୍ତ+ଇ, ହସ୍ତ+ଈ, ହସ୍ତ+ଇନ୍, ହସ୍ତି+ଈ)

(ଘ) ଆବଶ୍ୟକ ସ୍ଥଳେ ବିରାମ ଚିହ୍ନ ଦିଅ । 3

ଆଗନ୍ତୁକ କହିଲେ ଦେଖ ଦେଖ ବନ୍ଧୁ ଏଅରଣ୍ୟଟି କେତେ ସୁନ୍ଦର ଏମିତି ସ୍ଥାନକୁ ଆସିବାର ସୁଯୋଗ କଣ ସବୁବେଳେ ଭାଗ୍ୟରେ ଜୁଟେ ଚାଲ ଏହାର ସୌନ୍ଦର୍ଯ୍ୟ ପ୍ରାଣଭରି ଉପଭୋଗ କରିବା ଏଇ ପ୍ରକୃତି କୋଳରୁ ଆମେ ସବୁ ପାଇବା ଧନ ମନ ଆନନ୍ଦ ଓ ଐଶ୍ୱର୍ଯ୍ୟ

## ଘ – ବିଭାଗ

## SECTION – D 40

5. ବିଦ୍ୟା ହିଁ ବିଶ୍ୱର ଶ୍ରେଷ୍ଠ ବିଭୂତି – ଏହାର ଯଥାର୍ଥତା ପଠିତ ପ୍ରବନ୍ଧ ଅବଲମ୍ବନରେ ପ୍ରତି ପାଦନ କର । 7

**କିମ୍ବା**

ପ୍ରକୃତ ଗୁରୁଙ୍କର ମହିମା ସଂପର୍କରେ ପ୍ରାବନ୍ଧିକ ଚିତ୍ତରଞ୍ଜନ ଙ୍କର ମନ୍ତବ୍ୟ ଉପରେ ଆଲୋକ ପାତ କର ।

6. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି *ଗୋଟିଏ*) 5

"ବିଦ୍ୟାକୁ ଶ୍ରଦ୍ଧା କରି ଶିଖିଲେ ଅହଂଟା ଆପେ ଆପେ ଭୁଲି ହୋଇଯାଏ ।"

**କିମ୍ବା**

"ଗୋଟିଏ ଆଖିକୁ ତାହା ସହସ୍ର ଆଖିର ପ୍ରରଣା ଦିଅ ।"

7. ନିମ୍ନଲିଖିତ ପ୍ରଶ୍ନଗୁଡିକର ସଠିକ ଉତ୍ତର ବନ୍ଧନୀ ମଧ୍ୟସ୍ଥ ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । *1×10=1*

(କ) ଓଡିଶାରେ ନଅଙ୍କ ଦୁର୍ଭିକ୍ଷ କେବେ ହୋଇଥିଲା ?

(i) ୧୯୬୦

(ii) ୧୮୬୬

(iii) ୧୬୧୭

(iv) ୧୯୮୨

(ଖ) ଉତ୍କଳ ସମ୍ମିଳନୀ କିଏ କେବେ ପ୍ରତିଷ୍ଠା କରିଥିଲେ ?

(i) ଗୋପବନ୍ଧୁ ଦାସ ୧୯୦୯ ମସିହାରେ ।

(ii) ମଧୁସୂଦନ ଦାସ ୧୯୦୩ ମସିହାରେ ।

(iii) ବାମଣ୍ଡା ରାଜା ୧୮୮୫ ମସିହାରେ ।

(iv) ଗୌରୀଶଙ୍କର ୧୮୬୬ ମସିହାରେ ।

(ଗ) କାଞ୍ଚି କାବେରୀ ନାଟକର ରଚୟିତା କିଏ ?

(i) ଜଗନ୍ମୋହନ ଲାଲ ।

(ii) ଅଶ୍ୱିନୀ କୁମାର ଘୋଷ ।

(iii) ରାମ ଶଙ୍କର ରାୟ ।

(iv) କାମପାଳ ମିଶ୍ର ।

(ଘ) ସତ୍ୟବାଦୀ ଗୋଷ୍ଠୀର ମୁଖ୍ୟ ଆଦର୍ଶ କ'ଣ ଥିଲା ?

(i) ଇଂରେଜ ମାନଙ୍କୁ ଦେଶରୁ ତଡିବା ।

(ii) ଉତ୍କଳୀୟ ଜାତୀୟ ଚେତନାକୁ ଜାଗ୍ରତ କରିବା ।

(iii) ଓଡିଶାର ଧାର୍ମିକ ପରଂପରାକୁ ରକ୍ଷା କରିବା ।

(iv) ଧର୍ମାନୁଷ୍ଠାନ ଗୁଡିକୁ ସୁରକ୍ଷା ଦେବା ।

(ଙ) ନବଯୁଗ ସାହିତ୍ୟ ସଂସଦର ପ୍ରତିଷ୍ଠାତା କିଏ ?

(i) କାଳିନ୍ଦୀ ଚରଣ ପାଣିଗ୍ରାହୀ

(ii) ନନ୍ଦିନୀ ଶତପଥୀ

(iii) ଭଗବତୀ ଚରଣ ପାଣିଗ୍ରାହୀ

(iv) ରବିସିଂ

(ଚ) ସବୁଜ ସାହିତ୍ୟ ଗୋଷ୍ଠୀରେ କେତେ ଜଣ ସାହିତ୍ୟିକ ଥିଲେ ?

(i) ସାତ ଜଣ

(ii) ଦଶଜଣ

(iii) ଅସଂଖ୍ୟ

(iv) ପାଞ୍ଚଜଣ

(ଛ) ଓଡିଆ ସାହିତ୍ୟର ପ୍ରଥମ ପ୍ରବନ୍ଧର ନାମ କଣ ?

(i) ଛମାଣ ଆଠ ଗୁଣ୍ଠ

(ii) ରେବତୀ

(iii) ବିବେକୀ

(iv) ବାବାଜୀ

(ଜ) ଅଳପ ବିଦ୍ୟାରେ କ'ଣନ ଥାଏ ?

(i) ଦିବ୍ୟ ଅସନ୍ତୋଷ

(ii) ଜ୍ଞାନ

(iii) ପ୍ରଗତି

(iv) କର୍ମ ନିଷ୍ଠା

(ଝ) କୃପଣର ସ୍ୱଭାବ କିପରି ?

(i) ବଦ୍ ରାଗୀ

(ii) ସ୍ୱାର୍ଥପର

(iii) ଭୟାଳୁ

(iv) ଅଳସୁଆ

(ଞ) ବୈରାଗୀ କେଉଁଠାକୁ ଯାତ୍ରା କରେ ?

(i) ହରିଦ୍ୱାର

(ii) ପୁରୀ

(iii) ହିମାଳୟ ପରି ନିକାଞ୍ଚନ ସ୍ଥାନ

(iv) ପଣ୍ଡିଚେରୀ

**8.** ସପ୍ରସଙ୍ଗ ସରଳାର୍ଥ ଲେଖ । *(ଗୋଟିଏ)* *5*

ମାଆର ପଣତେ ବନ୍ୟା ରଚଇ
ଅମାନିଆ ଆଖିଲୁହ ।

**କିମ୍ବା**

ନୁହେଁ ବନ୍ଧୁ, ନୁହେଁ ଏହା ଚିତା
ଏଦେଶ ତିମିର ତଳେ
ଏଅଲିଭା ମୁକତି ସଳିତା ।

**9.** ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ସଠିକ ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । *1×8=8*

(କ) କବି କାହାକୁ ରୁଦ୍ର ଦେବତା ବୋଲି ସମ୍ବୋଧନ କରିଛନ୍ତି ?

(i) ଶିବଙ୍କୁ

(ii) ବୈଶାଖକୁ

(iii) ଅଗ୍ନିଙ୍କୁ

(iv) ମହାକାଳକୁ

(ଖ) ଶଙ୍ଖ ଡମ୍ବରୁ ବୀଣା ତାନରେ କ'ଣ ଆସିବ ବୋଲି କବି କହିଛନ୍ତି ?

(i) ପଟୁଆର

(ii) ସଂଗୀତ

(iii) ନବଜାଗରଣ

(iv) ପ୍ରଳୟ

(ଗ) ତୁଳୀ ସ୍ପର୍ଶରେ କ'ଣ ଫୁଟି ଆସିବ ?

(i) ଚିତ୍ର

(ii) ଇନ୍ଦ୍ରଧନୁ

(iii) ସୌନ୍ଦର୍ଯ୍ୟ

(iv) ନବପ୍ରଭା

(ଘ) କାହାକୁ ଅମାନିଆ ପିଲା କୁହା ଯାଇଛି ?

(i) ଇଂରେଜ ସିପାହୀକୁ

(ii) ପ୍ରଜାମାନଙ୍କୁ

(iii) ବାଜି ରାଉତକୁ

(iv) କବିଙ୍କୁ

(ଙ) ଲୁହାର ପଂଉଜ କିଏ ?

(i) ବିପ୍ଳବୀ

(ii) ଭଗବାନ

(iii) ବାଜିରାଉତ

(iv) ଇଂରେଜ ସିପାହୀ

(ଚ) ଆଗ କାଳରେ ଗୃହିଣୀମାନେ ଶୁଭ ବାରତା ପାଇବାକୁ କ'ଣ କରୁଥିଲେ ?

(i) ଡାକବାଲାକୁ ଅନାଇ ରହୁଥିଲେ

(ii) ଡାଉକୁ ଖାଦ୍ୟ ଦେଉଥିଲେ

(iii) ଗ୍ରାମ ପଥରେ ବୁଲୁଥିଲେ

(iv) ଦେବତାଙ୍କୁ ପୂଜା କରୁଥିଲେ

(ଛ) ପ୍ରାନ୍ତର ଡେଇଁ କିଏ ଧାଇଁ ଥାଏ ?

(i) ଗ୍ରାମ ବଧୂ

(ii) ତରୁଣ କୃଷକ

(iii) କୁମାରୀ ଦଳ

(iv) ଭସାଣି ମେଘର ଛାୟା

(ଜ) କ୍ଷେତକୁ ତରୁଣ କୃଷକ କାହିଁକି ଯାଉଥିଲା ?

(i) ଧାନ କାଟିବାକୁ
(ii) ରାତ୍ରି ଶୟନ ପାଇଁ
(iii) କୁମାରୀ ମାନଙ୍କର ଗୀତ ଶୁଣିବାକୁ
(iv) ଉସାଣି ମେଘର ଛାୟା ଦେଖିବାକୁ

**10.** ଯେ କୌଣସି ***ଗୋଟିଏ*** ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ । *5*

(କ) ଟୁକନ୍ ରାୟଙ୍କର ଶିକାର ସମୟର ପ୍ରସ୍ତୁତି କିପରି ଥିଲା ?

(ଖ) ସାହୁକାର କିପରି ଅନ୍ୟମାନଙ୍କୁ ଶୋଷଣ କରୁଥିଲା ?

(ଗ) ସୀମା ପ୍ରତି ରାମର ଆନୁଗତ୍ୟ ପ୍ରକାଶ ପାଇବାର କାରଣ କ'ଣ ?

www.care